ଧରିତ୍ରୀ
DHARITRI

ଗୁରୁବାର, ୨୫ ଅକ୍ଟୋବର, ୨୦୧୮

ଖାଦ୍ୟ ରୁଚି
ଲେମନ ଗ୍ରାସ୍ ପ୍ରନ୍ ସାତେ
ପୃ ୩

ଦାରିଙ୍ଗବାଡ଼ିର ନେଚରକ୍ୟାମ୍ପ
ପୃ ୭

ଧରିତ୍ରୀ ଆଲାପ
ହିଷ୍ଟୋରିକାଲ ଚଲଚ୍ଚିତ୍ରରେ ଅଭିନଏ କରବାର ମୋର ଇଚ୍ଛା
ପୃ ୮

ମୋ ଅନୁଭୂତି
ଗାଁର ଲୋକ୍ ନିର୍ଧୁମ୍ ମାଡ଼୍ ଦେଇଥିଲେ
ପୃ ୨



# ପାର୍ଟଟାଇମ୍ ଜବ୍

## ବଢ଼ୁଛି ରୋଜଗାର ସହ ଅଭିଜ୍ଞତା






**ଦିନ ଥିଲା ଓଡ଼ିଶାରେ ପାର୍ଟଟାଇମ୍ ଜବ୍‌ର ଏତେଟା ସୁଯୋଗ ନ ଥିଲା। ଧୀରେ ଧୀରେ ଅଧିକାଂଶ ବିଶେଷକରି ଯୁବପିଢ଼ିଙ୍କ ଏଥିପ୍ରତି ବର୍ଦ୍ଧିତ ମନୋଭାବ ଏବଂ ସେମାନଙ୍କ ଆଗ୍ରହକୁ ଆଖିଆଗରେ ରଖି ଜବ୍ ସୁଯୋଗ ଦେଉଥିବା ବିଭିନ୍ନ ସଂସ୍ଥା ଆମ ରାଜ୍ୟରେ ମଧ ପାର୍ଟଟାଇମ୍ ଜବ୍‌କୁ ଆଉପାଦେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହା ବର୍ତ୍ତମାନ କାହାପାଇଁ ନିଜ ରୋଜଗାରରେ ହାତ୍‌ଖର୍ଚ୍ଚ, ସଞ୍ଚୟ କିମ୍ବା ପରିବାରକୁ କିଛି ଅର୍ଥ ସାହାଯ୍ୟ କରିବାର ଆବଶ୍ୟକତା ପୂରଣ କରିପାରୁଛି ତ ଆଉ କାହା ପାଇଁ ସାଜିଛି କିଛି ଅଭିଜ୍ଞତା ସାଉଣ୍ଟିବାର ଉତ୍ସ...**




ଆଜିର ପ୍ରତିଯୋଗିତାମୂଳକ ସମାଜରେ ନିଜର ସ୍ଥିତି ମଜଭୁତ କରିବାକୁ କିଏ ବା ନ ଚାହେଁ, ଯେଉଁଥିପାଇଁ ପାଠପଢ଼ା ପରେ ଭଲ ଜବ୍‌ଟିଏ ପାଇବା ଆଶାରେ ନିଜର ଉଦ୍ୟମ ଜାରି ରଖିଥାନ୍ତି ଅଧିକାଂଶ ଯୁବପିଢ଼ି। ଏମିତିରେ କେବେ କେବେ କେତେଜଣଙ୍କୁ ସଫଳତାର ସ୍ୱାଦ ଚାଖିବାରେ ଅର୍ଥ ବାଧକ ସାଜେ ତ ଆଉ କେବେ ଅଭିଜ୍ଞତାର ଅଭାବ କରିଥାଏ ନିରାଶ। ହେଲେ ବର୍ତ୍ତମାନ ସମୟରେ ବିଭିନ୍ନ କ୍ଷେତ୍ରରେ ଯୁବତୀଯୁବକଙ୍କ ଲାଗି ଉପଲବ୍ଧ ଥିବା ପାର୍ଟଟାଇମ୍ ଜବ୍‌ର ସୁଯୋଗ ଏଭଳି ସମସ୍ୟା ସମାଧାନରେ ବେଶ୍ ସହାୟକ ହୋଇପାରୁଛି। ପୂର୍ବରୁ ଆମ ରାଜ୍ୟରେ ପାର୍ଟଟାଇମ୍ ଜବ୍‌ର ସୁବିଧା ଉପଲବ୍ଧ ନ ଥିଲା। ଫଳସ୍ୱରୂପ ଅଧିକାଂଶ ପାଠପଢ଼ା ସହିତ କିଛି ଅର୍ଥ ରୋଜଗାର ଲକ୍ଷ୍ୟରେ ମୁମ୍ବାଇ, ବେଙ୍ଗାଲୁରୁ, ଦିଲ୍ଲୀ, ପୁଣେ ଭଳି ସହରକୁ ଯାଉଥିଲେ। ହେଲେ ଧୀରେ ଧୀରେ ଆମ ରାଜ୍ୟରେ ବିଶେଷ କରି ଟ୍ୱିନ୍ ସିଟି କଟକ- ଭୁବନେଶ୍ୱରରେ ବିଭିନ୍ନ କ୍ଷେତ୍ରରେ ପାର୍ଟଟାଇମ୍ ଜବ୍‌ର ଭରପୂର ସୁଯୋଗ ମିଳିପାରୁଛି। କେବଳ ଯୁବପିଢ଼ି ନୁହନ୍ତି, ଅନେକ କର୍ମଜୀବୀ ଅଧିକ ଆୟ ଉଦ୍ଦେଶ୍ୟରେ, ଗୃହିଣୀମାନେ ଅବସର ସମୟରେ ଏବଂ ଅବସରପ୍ରାପ୍ତ କର୍ମଚାରୀମାନେ ମଧ ଏହାଦ୍ୱାରା ଉପକୃତ ହେଉଥିବା ଦେଖିବାକୁ ମିଳୁଛି।

ପୃ ୨





# ପାର୍ଟଟାଇମ୍ ଜବ୍

ପ୍ରଥମ ପୃଷ୍ଠାରୁ...

## ବଢୁଛି କାର୍ଯ୍ୟଦକ୍ଷତା

ଏହାଦ୍ୱାରା ଅନେକ କିଛି ଶିଖିବାକୁ ମିଳିପାରୁଛି, ଯାହାକି ଅନେକଙ୍କ ଅଭିଜ୍ଞତା ସହ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି କରିବାରେ ସହାୟ ହୋଇପାରୁଛି। ବିଶେଷକରି ନିଜ ପଢା କ୍ଷେତ୍ରରେ ପାର୍ଟଟାଇମ୍ ଜବ୍ ମିଳିଲେ ଏହାର ଏକ୍ସପେରିଏନ୍ସ ସାର୍ଟିଫିକେଟ୍ ପରବର୍ତ୍ତୀ ସମୟରେ କାମରେ ଆସୁଥିବା ସହ ନୂଆ ଜବ୍ କରିବା ସମୟରେ କାମ ନ ବୁଝିପାରିବା, ଉଚ୍ଚପଦସ୍ଥଙ୍କଠାରୁ ଗାଳି କିମ୍ବା ଅନ୍ୟ ସହକର୍ମୀଙ୍କ ଆଗରେ ଅପଦସ୍ଥ ହେବା ଭଳି ସମସ୍ୟା ଦୂର ହୋଇପାରୁଛି ବୋଲି ଅନେକେ ପ୍ରକାଶ କରିଛନ୍ତି।

## ମିଳୁଛି ପ୍ରାକ୍ଟିକାଲ ଜ୍ଞାନ

ଅନେକ ସମୟରେ ପାଠପଢାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ର ବି ପ୍ରାକ୍ଟିକାଲ ଜ୍ଞାନର ଅଭାବରୁ କର୍ମକ୍ଷେତ୍ରରେ ବିଫଳ ହୋଇଥାନ୍ତି। ହେଲେ ବର୍ତ୍ତମାନ ପାର୍ଟଟାଇମ୍ ଜବ୍ ଅନେକଙ୍କୁ ବେଶ୍ ସହାୟ ହୋଇପାରୁଛି। ଫଳରେ ସେମାନେ ପଢା ସମୟରୁ ହିଁ କାର୍ଯ୍ୟଶୈଳୀ ବିଷୟରେ ଅନେକ ଜ୍ଞାନ ଆହରଣ କରିପାରୁଛନ୍ତି ଏବଂ ଠିକ୍ ସମୟରେ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରି ସଫଳ ହୋଇପାରୁଛନ୍ତି।

## ବୃଦ୍ଧି ପାଏ ଟାଇମ୍ ମ୍ୟାନେଜମେଣ୍ଟ କଳା

ସମୟର ସଦୁପଯୋଗ କରିବା ଏକ କଳା। ଆଉ ଯେଉଁମାନେ ଏହା କରି ନ ପାରନ୍ତି ସେମାନେ ସଫଳତାର ସ୍ୱାଦ ଚାଖିବାରୁ ବଞ୍ଚିତ ହୁଅନ୍ତି। ପାର୍ଟଟାଇମ୍ ଜବ୍ କରିବା ଦ୍ୱାରା ପାଠପଢା ଏବଂ ଜବ୍ ଉଭୟ ମଧ୍ୟରେ ସମନ୍ୱୟ ରଖି ଅନ୍ୟାନ୍ୟ କାର୍ଯ୍ୟ ଲାଗି ସମୟ ବାହାର କରିବାକୁ ହେଉଛି। ଫଳରେ ଟାଇମ୍ ମ୍ୟାନେଜମେଣ୍ଟ କଳା ବୃଦ୍ଧି ପାଉଛି। ଆଉ ଏହା ଭବିଷ୍ୟତରେ ସଫଳତା ପାଇବାରେ ବେଶ୍ ସାହାଯ୍ୟ କରିଥାଏ।

## ଆମ ରାଜ୍ୟରେ ବି ବଢୁଛି ପାର୍ଟଟାଇମ୍ ଜବ୍‌ର ଚାହିଦା



ଅନ୍ୟ ରାଜ୍ୟରେ ଥିବା ମେଟ୍ରୋ ସିଟିଗୁଡିକ ଭଳି ପ୍ରଥମେ ଆମ ରାଜ୍ୟରେ ପାର୍ଟଟାଇମ୍ ଜବ୍‌ର ସୁଯୋଗ ଏତେ ନ ଥିଲା। ହେଲେ ବର୍ତ୍ତମାନ ଧୀରେ ଧୀରେ ଏଥିପ୍ରତି ଅଧିକାଂଶ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ଏହା ପଛରେ ମୁଖ୍ୟ କାରଣ ହେଉଛି ଅଧିକ ଅର୍ଥ ରୋଜଗାର କରିବା। ବର୍ତ୍ତମାନ କଟକ- ଭୁବନେଶ୍ୱର ଭଳି ସହରରେ ବିଶେଷକରି ବାହାର ଜିଲା କିମ୍ବା ରାଜ୍ୟରୁ ଆସି ପଢା କିମ୍ବା ଜବ୍ ଲାଗି ରହୁଥିବା ଯୁବପିଢି ପାର୍ଟଟାଇମ୍ ଜବ୍ କରୁଥିବା ଦେଖିବାକୁ ମିଳୁଛି। କେବଳ ସେମାନେ ନୁହନ୍ତି, ଅନେକ ଅବସରପ୍ରାପ୍ତ କର୍ମଚାରୀ ତଥା ଗୃହିଣୀମାନଙ୍କ ଠାରେ ମଧ୍ୟ ଫାଙ୍କା ସମୟରେ ପାର୍ଟଟାଇମ୍ ଜବ୍ ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ତେବେ ଆମ ରାଜ୍ୟରେ କେତୋଟି ବିଶେଷ କ୍ଷେତ୍ରରେ ପାର୍ଟଟାଇମ୍ ଜବ୍‌ର ସୁବିଧା ଉପଲବ୍ଧ। ଯଥା- ଶିକ୍ଷାଦାନରେ ଦକ୍ଷତା ଥିବା ଅନେକେ କୋଚିଂ ସେଣ୍ଟରରେ ଟ୍ୟୁଟର କିମ୍ବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଫ୍ୟାକଲ୍ଟି ଭାବେ ପାର୍ଟଟାଇମ୍ ଜବ୍ କରୁଛନ୍ତି। ବିଭିନ୍ନ ଅଫିସ୍‌ରେ ଡାଟାଏଣ୍ଟ୍ରି, ଡିଟିପି ଅପରେଟର ଜବ୍ ମଧ୍ୟ ଅନେକଙ୍କ ଲାଗି ବେଷ୍ଟ ଅପ୍ସନ ସାଜିଛି। ମିଡିଆ ଇଣ୍ଡଷ୍ଟ୍ରି ତଥା ଅନ୍ୟ ପବ୍ଲିକେଶନ୍ ହାଉସ୍ ଲାଗି ଟ୍ରାନ୍ସଲେଟର୍, ଟିଭି, ରେଡିଓ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପ୍ରୋଗ୍ରାମ୍ ଗୁଡିକରେ ଆଙ୍କରିଂ, ନ୍ୟୁଜ୍ ରିଡିଂ ଆଦି ବି ପାର୍ଟଟାଇମ୍ ଜବ୍ ଭାବେ ଅନେକଙ୍କୁ ବେଶ୍ ସୁହାଉଛି। ଫ୍ୟାଶନ ଇଣ୍ଡଷ୍ଟ୍ରିରେ, ଆଡ୍‌ଭର୍ଟାଇଜମେଣ୍ଟ ସେକ୍ଟର, ମାଗାଜିନ, ଶୋ'ରୁମ୍ ଆଦି ପାଇଁ ଡିଜାଇନିଂ, ମଡେଲିଂ, ଫଟୋଗ୍ରାଫି ଜବ୍‌ର ବି ଡିମାଣ୍ଡ ବଢୁଛି। ସେହିପରି ଫ୍ୟାଶନ୍ ଇଣ୍ଡଷ୍ଟ୍ରି, ବୁଟିକ୍ ଆଦିରେ ଡ୍ରେସ୍ ଡିଜାଇନର, ଟେଲର ଆଦି ଭାବେ ବି ଅନେକେ କାର୍ଯ୍ୟ କରୁଛନ୍ତି। ଫୁଡ୍ ହବ୍, କାଫେ, ଶପିଂ ମଲ୍, ଅନ୍‌ଲାଇନ୍ ଶପିଂ ସାଇଟ୍ ଆଦିରେ ସେଲ୍ସ ପର୍ସନ ଭାବେ ମଧ୍ୟ ଅଧିକାଂଶ ପାର୍ଟ ଟାଇମ୍ ଜବ୍ କରୁଛନ୍ତି। ୱେବ୍ ଡେଭେଲପ୍‌ମେଣ୍ଟ, ଡିଜାଇନିଂ, ବିପିଓ, କଲ୍ ସେଣ୍ଟର, ଇଭେଣ୍ଟ ମ୍ୟାନେଜମେଣ୍ଟ, ଇନ୍‌ସ୍ୟୁରାନ୍ସ ଆଦି କ୍ଷେତ୍ରରେ ବି ଏହାର ଚାହିଦା ରହିଛି। ସେହିପରି ଡାନ୍ସ, ମ୍ୟୁଜିକ୍, ସିଙ୍ଗିଙ୍ଗ୍ ଆଦିରେ ଦକ୍ଷତା ଥିଲେ ବର୍ତ୍ତମାନ ପାର୍ଟଟାଇମ୍ ଜବ୍‌ର ଭରପୂର ସୁଯୋଗ ରହିଛି।

**ପି. କେ. ପ୍ରାମାଣିକ**
କ୍ୟାରିୟର କନ୍‌ସଲଟାଣ୍ଟ



## ଆୟ ବୃଦ୍ଧିର ସୁଯୋଗ



ପାର୍ଟଟାଇମ୍ ଜବ୍‌ରେ କିଛି ଅର୍ଥ ରୋଜଗାର ଦ୍ୱାରା ଆୟ ବୃଦ୍ଧି ହେଉଛି। ପରିବାର ଉପରେ ନିର୍ଭର ନ କରି ପଢା ଖର୍ଚ୍ଚ ନିଜେ ତୁଲାଇବା ସହ କିଛି ସଞ୍ଚୟ ମଧ୍ୟ କରିବା ଲକ୍ଷ୍ୟରେ ଅନେକ ଛାତ୍ରୀଛାତ୍ର ଏଥିପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ତେବେ ବର୍ତ୍ତମାନ ଗୃହିଣୀଙ୍କ ଲାଗି ମଧ୍ୟ ଏହା ବେଶ୍ ସହାୟ ହୋଇପାରୁଛି ବୋଲି ମତ ଦିଅନ୍ତି ରସୁଲଗଡ଼ରେ ରହୁଥିବା କ୍ରିଷ୍ଣାପ୍ରିୟା ଆଚାର୍ଯ୍ୟ। ସେ କୁହନ୍ତି, ଘର ସାଙ୍ଗକୁ ଦୁଇଟି ଛୋଟପିଲାଙ୍କ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଜବ୍ କରିବାକୁ ସମୟ ଅଣ୍ଟୁ ନ ଥିଲା। ହେଲେ ବର୍ତ୍ତମାନ ପିଲାମାନେ ସ୍କୁଲ ଯିବା ପରେ କିଛି ସମୟ ଫାଙ୍କା ମିଳୁଥିବାରୁ ଏକ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ପାର୍ଟଟାଇମ୍ ଜବ୍ କରୁଛି। ଫଳରେ ନା କେବଳ କିଛି ଅର୍ଥ ରୋଜଗାର ହୋଇପାରୁଛି ବରଂ ଆତ୍ମସନ୍ତୋଷ ବି ମିଳିପାରୁଛି।

## ଏକାଧିକ କ୍ଷେତ୍ରରେ ଅଭିଜ୍ଞତା ସହ ବଢାଏ ଲୋକ ସମ୍ପର୍କ



ପାର୍ଟଟାଇମ୍ ଜବ୍ ସର୍ବଦା ନିଜ ଫିଲ୍ଡରେ ହିଁ ମିଳିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ତେଣୁ ଅଧିକାଂଶ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଜବ୍ କରିଥାନ୍ତି। ଫଳରେ ସେମାନଙ୍କଠାରେ ଏକାଧିକ କ୍ଷେତ୍ରରେ ଅଭିଜ୍ଞତା ବୃଦ୍ଧି ପାଇଥାଏ। କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ସୋନାଲିକା ବିଶ୍ୱାଳ କୁହନ୍ତି, ଯଦିଓ ଏହା ମୋର ପେସା ହେଲେ ନିଶା କିନ୍ତୁ ଭିନ୍ନ। ଅର୍ଥାତ୍ ମୋତେ ଉପସ୍ଥାପନା କରିବା ପସନ୍ଦ। ତେଣୁ ନିଜ ରୁଚିକୁ ମୁଁ ପାର୍ଟ ଟାଇମ୍ ଜବ୍ ଭାବେ ଗ୍ରହଣ କରିନେଇଛି ଏବଂ ସମୟ ମିଳିଲେ ଅଲ୍ ଇଣ୍ଡିଆ ରେଡିଓ କିମ୍ବା ଟିଭି ଚ୍ୟାନେଲରେ ଉପସ୍ଥାପିକା ଭାବେ କାର୍ଯ୍ୟ କରୁଛି। ଅନେକ କାର୍ଯ୍ୟକ୍ରମରେ ଭଏସ୍ ମଧ୍ୟ ଦେଉଛି। ଏହାଦ୍ୱାରା ନା କେବଳ ନିଜ ମାସିକ ଦରମା ବାଦ୍ ଅଧିକ ରୋଜଗାର ହେଉଛି ବରଂ ମୋର ଅଭିଜ୍ଞତା ସହ ଲୋକ ସମ୍ପର୍କ ମଧ୍ୟ ବୃଦ୍ଧି ପାଉଛି।


– ରିପୋର୍ଟ: ପୌର୍ଣ୍ଣମାସୀ

## ଖାଦ୍ୟରୁଚି



# ଲେମନ ଗ୍ରାସ୍ ପ୍ରନ୍ ସାତେ

ପର୍ଯ୍ୟଟନ ସହର ପୁରୀ। ପ୍ରତିଦିନ ଦେଶବିଦେଶର ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ବିଶେଷକରି ପର୍ଯ୍ୟଟନ କ୍ଷେତ୍ରରେ ଆତିଥେୟତା ସହ ରୁଚିପୂର୍ଣ୍ଣ ଖାଦ୍ୟର ସମ୍ପର୍କ ବେଶ୍ ଗୁରୁତ୍ୱ ବହନ କରେ। ଏହାକୁ ଦୃଷ୍ଟିରେ ରଖି ପୁରୀ ସହରରେ ଥିବା ହୋଟେଲ, ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ବିଶେଷକରି ଆମିଷପ୍ରିୟ ବ୍ୟକ୍ତିଙ୍କ ପାଇଁ ସୁସ୍ୱାଦୁଯୁକ୍ତ ଡିସ୍‌କୁ ପ୍ରାଥମିକତା ଦେଇଥାନ୍ତି ହୋଟେଲ ଓ ରେଷ୍ଟୁରାଣ୍ଟର ମାଲିକମାନେ। ହୋଟେଲ ମେ ଫେୟାର ମଧ ଗ୍ରାହକଙ୍କ ଚାହିଦାକୁ ଦେଖି ନୂଆ ନୂଆ ଡିସ୍ ପ୍ରସ୍ତୁତ କରୁଛି। ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷିଦିଆଯାଏ। ଆମିଷ ମଧରେ ନୂଆ ସ୍ୱାଦିଷ୍ଟ ଡିସ୍ ହେଉଛି ଲେମନ ଗ୍ରାସ୍ ପ୍ରନ୍ ସାତେ। ଏହି ଚାଇନିଜ୍ ଡିସ୍‌ର ଗୋଟିଏ ପ୍ଲେଟ୍ ଦାମ୍ ରହୁଛି ୭୦୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ସୂର୍ଯ୍ୟନାରାୟଣ ନାୟକଙ୍କ ମୁହଁରୁ...




## ଆବଶ୍ୟକ ସାମଗ୍ରୀ

- ଚିଙ୍ଗୁଡ଼ି- ୫୦୦ ଗ୍ରାମ୍
- ରିଫାଇନ ତେଲ- ୧ ଟେବୁଲ ଚାମଚ
- ପିଆଜ ଚପ୍-୫୦ ଗ୍ରାମ୍
- ଅଦା ଚପ୍-୧ ଟେବୁଲ ଚାମଚ
- ରସୁଣ ଚପ୍- ୨ କୋଲା
- ଲେମନ ଗ୍ରାସ୍-୧ ଟେବୁଲ ଚାମଚ
- ତନ୍ଦୁରି ମସଲା- ୧ ଟି ଚାମଚ
- ନଡ଼ିଆ ରସ- ୧ ଟେବୁଲ ଚାମଚ
- କଟା ହୋଇଥିବା ଲେମ୍ବୁ ଚୋପା-ଅଧା ଟି ଚାମଚ
- ଲେମନ ଗ୍ରାସ୍ ଷ୍ଟିକ୍-୪ ଖଣ୍ଡ
- ଅଳ୍ପ ପରିମାଣର କଟା ଲେମ୍ବୁପତ୍ର

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିଙ୍ଗୁଡ଼ି ମୁଣ୍ଡ ଓ ଖୋଳପାକୁ ଛଡାଯାଇ ଧୁଆଯିବ। ନିଆଁରେ କଡ଼େଇ କିମ୍ବା ଫ୍ରାଏ ପ୍ୟାନ୍‌ରେ ରିଫାଇନ ତେଲ ପକାଇ ଗରମ କରାଯିବ। ସେଥିରେ ପିଆଜ, ଅଦା, ରସୁଣ ଚପ୍ ଏବଂ ଲେମନ ଗ୍ରାସ୍ ପକାଯାଇ ସାମାନ୍ୟ ଲାଲ ରଙ୍ଗ ହେବା ପର୍ଯ୍ୟନ୍ତ କଷାଯିବ। ଏହାପରେ ତାକୁ ଏକ ପାତ୍ରରେ କାଢି ସେଥିରେ ତନ୍ଦୁରି ମସଲା ଓ ଲେମ୍ବୁପତ୍ର ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଆଯିବ। ଥଣ୍ଡା ହୋଇଗଲା ପରେ ଏଥିରେ ନଡ଼ିଆରସ, କଟା ଲେମ୍ବୁ ଚୋପା ଏବଂ ଚିଙ୍ଗୁଡ଼ି ପକାଇ ସେସବୁକୁ ଗ୍ରାଇଣ୍ଡିଂ କରାଯିବ। ସବୁ ମିଶି ଭଲ ଭାବେ ପେଷ୍ଟ ହୋଇଗଲା ପରେ ତାହାକୁ କାଢି ଦିଆଯିବ। ଲେମନ ଗ୍ରାସ୍ ଷ୍ଟିକ୍‌ରେ ଏହି ପେଷ୍ଟକୁ ଲଲିପପ୍ ଭଳି ଲଗାଯିବ। ଏହାପରେ ଫ୍ରାଏ ପ୍ୟାନ୍‌ରେ ତେଲ ପକାଇ ଏହାକୁ ଗରମ କରାଯିବ। ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଏହା ଭଜାଯିବ। ଏବେ ପ୍ରସ୍ତୁତ ହୋଇଗଲା ଲେମନ ଗ୍ରାସ୍ ପ୍ରନ୍ ସାତେ। ଗରମ ଗରମ କରି ଏକ ପ୍ଲେଟ ଉପରେ ଗୋଲାକାର ଭାବେ କଟାଯାଇଥିବା କଦଳୀପତ୍ର ଉପରେ ଏହାକୁ ପରଷାଯିବ। ଏହାକୁ ଆହୁରି ସ୍ୱାଦିଷ୍ଟ କରିବା ପାଇଁ ଗ୍ରାହକଙ୍କୁ ସାଲାଡ୍ ଏବଂ ସସ୍ ବି ଦିଆଯାଇଥାଏ।

–ରିପୋର୍ଟ: ହେମନ୍ତ ନାୟକ

## ନିଜ୍ କଥା

# ଆୟକର ଇନ୍ସପେକ୍ଟର ହେବାର ଇଛା ଥିଲା

୧୯୯୮ ସାଲେ ଆୟକର ବିଭାଗ୍‌ରେ ଇନ୍ସପେକ୍ଟର ପଦବୀ ଲାଗି ସାକ୍ଷାତ୍‌କାର ପରୀକ୍ଷା ଚାଲିଥାଏ। ଲିଖିତ୍ ପରୀକ୍ଷାରେ ପାସ୍ କରିଥିଲି। ଇ ପଦବୀରେ ଚାକ୍‌ରି କର୍‌ବାର ଇଛା ଥିଲା। ମଉଖିକ୍ ପରୀକ୍ଷା ଲାଗି ତିଆର ହେଉଥାଏଁ, ଇ ସମିଆରେ ମା'କଁର ମୁର୍‌ତୁ ହେଲା। ପରୀକ୍ଷା ଦେଇ ନାଇଁପାରଲି କି ଚାକ୍‌ରି କରି ନାଇଁପାରଲି। ସେ ସମିଆରେ ଭାଇମାନେ ବିହାଚୁରା ନାଇଁ ହେଇଥାଇ। ସେଥିରଲାଗି ଆଉର ସରକାରୀ ଚାକ୍‌ରି ଲାଗି ମନ୍ ନାଇଁ ବଲାଲି। ପିଲା ଦିନୁ ସମାଜସେବା ଲାଗି ମୋର ବହୁତ୍ ଦୁର୍‌ବଲତା ଥିଲା। ସେଥିରଲାଗି ଚାଇଲ୍ଡ ଲାଇନରେ ପାରା ପ୍ରଫେଶନାଲ ହିସାବେ ଯୋଗ୍ ଦେଇଥିଲି। ଇତାର ପରେ ସାମାଜିକ୍ କାମ୍‌ରେ ମାଷ୍ଟର ଡିଗ୍ରୀ(ଏମ୍‌ଏସ୍‌ଡବ୍ଲ୍ୟୁ) ହାସଲ କରିଥିଲି। ହେଲେ ଭାଏଗ୍‌ଟା ଫେନ୍‌ଘାଏ ମୋତେ ଘିଚିଆନି ସରକାରୀ ଚାକ୍‌ରିରେ ଥୁଇଦେଲା। ଇ କଥା କହିଛନ୍ କଟକ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି। ସେ ଜଗତ୍‌ସିଂହପୁର ଜିଲା ସାତପୁରା ଗାଁରେ ୧୯୭୪ ଏପ୍ରିଲ ୨୫ରେ ଜନମ୍ ହେଇଥିଲେ। ତାଁକର ନିଜ୍ ଜୀବନ୍ ବାବ୍‌ଦେ ପଚରା ଯାଇଥିବାର କେତେଟା ପ୍ରଶ୍ନ?

**ପହେଲା ଦରମା କାଣା କରିଥିଲେ?**

୨୦୦୦ରେ ଚାଇଲ୍ଡ ଲାଇନରେ ପାରା ପ୍ରଫେଶନାଲ ହିସାବେ କାମ୍ କରୁଥିଲି। ସେଠାନେ ଦରମା ପାଖାପାଖି ୫ ହଜାର ଟଁକା ମିଲୁଥାଏ। ମା'ର ମୁର୍‌ତୁ ଉତାରୁ ମୋର ଖୁଡ଼ୀ ଜ୍ଞାନମୟୀ ମୋତେ ଗୁଟେ ପରକାର ଝି କରି ନେଇଥିଲେ। ସେଥିରଲାଗି ମୁଇଁ ମୋର ପହେଲା ଦରମା ତାକର ହାତେ ଦେଇଥିଲି।

**କେନ୍ ରଂଗ୍ ପସନ୍ ଲାଗ୍‌ସି?**

ଗାଢ୍ ସାଗୁଆ ରଂଗ୍ ମୋର ପସନ୍। ଇ ରଂଗର ପିଁଧନ୍‌ଓଢ଼ନ୍ ମୋର ଲାଗି ସବୁବେଲେ ଶୁଭ୍ ଆଏ।

**ସିନେମା ଦେଖ୍‌ସନ କାଏଁ?**

ମୋର ସିନେମା ଦେଖବାର ଉପ୍‌ରେ ରୁଚି ନାଇଁଥାଇ କି ଏହେଦେ ବି ନାଁଇଁନା। ସମିଆ ପାଏଲେ ଘରେ ବସି ଭିନେ ଭିନେ ନ୍ୟୁଜ୍ ଚ୍ୟାନେଲ ଦେଖ୍‌ସିଁ।

**ଗୀତ୍ ଶୁନ୍‌ସନ୍ କାଏଁ?**

ଗୀତ୍ ଶୁନ୍‌ସିଁ। ଲତା ମଙ୍ଗେସ୍‌କର ଆର୍ ଅକ୍ଷୟ ମହାନ୍ତିକଁର ଗୀତ୍ ଶୁନ୍‌ବାକେ ଭଲ୍ ଲାଗ୍‌ସି।

**ବହି ପଢ଼ସନ୍ କାଏଁ?**

ଗପ, ଉପନ୍ୟାସ ପଢ଼୍‌ବାକେ ଭଲ୍ ଲାଗ୍‌ସି। ଏହେଦେ 'ଗୀତା ଇନ ଡେଲି ଲାଇଫ୍' ବହି ପଢୁଛେଁ।

**କେନ୍ ପରକାର ରଁଧାବଢ଼ା କରବାକେ ଆପନ୍ ପସନ୍ କରସନ୍?**

ମୁଇଁ ସବୁ ପରକାର ରଁଧାବଢ଼ା ଜାନିଛେଁ। ଭେଜ୍, ନନ୍‌ଭେଜ୍‌ନୁ ଆରମ୍ କରି ଚାଇନିଜ ଫୁଡ୍ ତକ୍ ତିଆର କରି ଜାନିଛେଁ।

**ଲଭ୍ କି ଆରେଞ୍ଜ ମ୍ୟାରେଜ?**

ଲଭ୍ ନୁହେ କି ଆରେଞ୍ଜ ନୁହେ। ଦୁଇଝନ ଦୁଇଝନ୍‌କୁ ଆଗ୍‌ରୁ ଜାନିଥିଲୁଁ। ହେଲେ ପରିବାର ଲୁକ୍‌କର ସହମତିରେ ମୁଇଁ ୨୦୦୧ରେ ଅକ୍ଷୟ୍‌କୁଁ ବିହା ହେଇଥିଲି।

**ମାର୍କେଟିଂ କରସନ୍ କାଏଁ?**

ମାର୍କେଟିଂ କରବାକେ ପସନ୍ ନାଇଁକରେଁ। ଇ କାମ୍ ଅକ୍ଷୟ ତୁଲାସନ୍। ହେଲେ ପୂଜା ପାର୍‌ବନରେ ଦୁଇଝନ ମିଶି ମାର୍କେଟିଂ କରସୁଁ।

**ଶାଢ଼ି କି ଡ୍ରେସ୍ ପିଁଧିବାକେ ପସନ୍ କରସନ୍?**


ଘରେ ଶାଢ଼ି ପିଁଧିସିଁ। ହେଲେ ଅଫିସ ଗଲେ ଡ୍ରେସ୍ ପିଁଧିସିଁ।

**ସୁଆମୀକଁର କେନ୍ ଗୁନ୍ ଆପନ୍‌କୁ ପସନ୍ ଲାଗ୍‌ସି?**

ଅକ୍ଷୟ ପେସାରେ ଝନେ ଆଇନଜୀବୀ। ହେଲେ ତାକର ପାସେ ସାମାଜିକତା ଗୁନ୍ ଭରି ରହିଛେ। ଝନେ ସହନଶୀଲ, ବିଚାରବଁତ୍ ଲୋକ୍ ହିସାବେ ତାକର ଉପରେ ମୋର ବହୁତ୍ ସମ୍ମାନ ରହିଛେ।


**ଜୀବନରେ ଏନ୍‌ତା କିଛି ମନେ ରଖିଲା ଲେଖେଁ ଘଟ୍‌ନା?**

୧୯୯୮ ଡିସେମ୍ବର ୨୨ ତାରିଖ୍ ସବୁଦିନର ଲାଗି ମୋର୍ ମନେ ରହେବା। କାରନ୍ ଇ ଦିନ ମୁଇଁ ମୋର ମା'କେ ହରେଇଥିଲି। ହେଲେ ଆର ଗୁଟେ ଦିନ୍ ବି ମୋର ସବୁଦିନର ଲାଗି ମନେ ରହେବା। ସେଟା ହେଉଛେ ପୂରବର କଟକ ଜିଲାପାଲ ଗିରିଶ ଏସ୍.ଏନ୍. ମୋତେ ଗୁଟେ ପର୍‌ଶଁସା ପତର ଦେଇଥିଲେ।



ସାକ୍ଷାତ୍: ନିର୍ମଳ ପଣ୍ଡା

# ସେଲ୍‌ଫି କର୍ଣ୍ଣର


@ ରୀମା



@ ସୁମିତ୍


@ ସତ୍ୟଜିତ୍



@ ମିଲନ


@ ମହାଶ୍ୱେତା


@ ସୌମ୍ୟରଞ୍ଜନ


@ ବିଚିତ୍ର


@ ନରେଶ


@ ଭରତ


@ ମଞ୍ଜିତ୍


@ ଅଙ୍କିତା


@ କେଶବ



@ ଆରାଧନା


@ ତୁଷାର


**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**

smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

କନ୍ଧମାଳ ଜିଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି । ସେମାନଙ୍କ ମଧ୍ୟରୁ ଜିଲାର ଦାରିଙ୍ଗବାଡ଼ି ପର୍ଯ୍ୟଟନ କେନ୍ଦ୍ର ଅନ୍ୟତମ । ଏଠାକୁ ବର୍ଷ ତମାମ୍ ପର୍ଯ୍ୟଟକ ବୁଲିବାକୁ ଆସିବା ସହ ଏହାର ପ୍ରକୃତିକୁ ଭଲ ପାଇଥାନ୍ତି । ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିର ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ହେଉଛି ନେଚରପାର୍କ । ଏହାକୁ ପ୍ରକୃତିର ଗନ୍ତାଘର କୁହାଯାଏ ।







# ଦାରିଙ୍ଗବାଡ଼ିର ନେଚରପାର୍କ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଓଡ଼ିଶାର କଶ୍ମୀର ଭାବେ ପରିଚିତ। ଏହି ଅଞ୍ଚଳ ପାଣିପାଗର ବର୍ଷ ତମାମ୍ ସ୍ୱତନ୍ତ୍ରତା ରହିଛି। ଏଠାକାର ଜଳବାୟୁ ନିଆରା। ଯେତେ ଗରମ ହେଉ ଅସରାଏ ବର୍ଷା ହେଲେ ଲୋକଙ୍କୁ ଶୀତ ଲାଗେ। କୁହୁଡ଼ି ସହ ମେଘ ଦାରିଙ୍ଗବାଡ଼ି ଅଞ୍ଚଳକୁ ଛୁଇଁ ଯାଇଥାଏ। ଏ ଭଳି ପର୍ଯ୍ୟଟନ କେନ୍ଦ୍ର ମଧ୍ୟରେ ନେଚରପାର୍କ ବା ପ୍ରକୃତି ଉଦ୍ୟାନ ଅନ୍ୟତମ ସ୍ଥାନ ନେଇଛି। ହିଲ୍‌ଭ୍ୟୁ ପାର୍କ ସମ୍ମୁଖରେ ରହିଛି ଏହି ଉଦ୍ୟାନ। ଉକ୍ତ ପାର୍କରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାପତି। ସ୍ୱତନ୍ତ୍ର ଭାବେ ପ୍ରଜାପତିଙ୍କ ପାଇଁ ଲଗାଯାଇଛି ତାଙ୍କୁ ସୁହାଇଲା ଭଳି ବିଭିନ୍ନ କିସମର ଫୁଲଗଛ। ଯେଉଁଠି କି ପ୍ରଜାପତିଗୁଡିକ ବସବାସ କରନ୍ତି। ସେହି ଫୁଲଗଛ ଥିବା ଅଞ୍ଚଳରେ ଉଡ଼ି ପାର୍କର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାନ୍ତି। ଏହି ଫୁଲଗଛ ମଧ୍ୟରେ ବିଭିନ୍ନ କିସମର ମନ୍ଦାର ସହ ପେଣ୍ଟାସ୍, ଏକୋମା କସ୍‌ମସ୍, ପାଇନସେଟିଆ, ମିରିୟମ, ଲିଲି ଏଗୋଜୋରା, ଫାଇକସ୍ ଓ ଡାଲିଆ ସମେତ ଶତାଧିକ କିସମର ଅନ୍ୟ ଗଛ ରହିଛି। ସେହିପରି ଉକ୍ତ ପାର୍କ ମଧ୍ୟରେ ଆୟୁର୍ବେଦିକର ଜନକ ଆଚାର୍ଯ୍ୟ ଚରକ ଋଷିଙ୍କ ପଥର ମୂର୍ତ୍ତି ସହ ଔଷଧୀୟ ବୃକ୍ଷଗୁଡ଼ିକ ମଧ୍ୟରେ ଜୁଆଣି, ପାତାଳ ଗରୁଡ଼, ବନଶୁଣ୍ଠି, କସାରୁଣି, ଅଶୋକ, ପଞ୍ଚତୁଳସୀ, ଧନ୍ୱନ୍ତରୀ, କର୍ପୂର ତୁଳସୀ, ଗାଇଗୋବରା, କଟକି ଧନିଆ, ହରିଡ଼ା, ବାହାଡ଼ା, ଅଁଳା, ପିପଳି, ସତାବରି, ତାଳମୂଳି, ନଗକୁଳି ଓ ବେତ ଆଦି ରହିଛି। ସେହିପରି ପ୍ରକୃତି ଉଦ୍ୟାନ ମଧ୍ୟରେ ଫାଇବରରେ ନିର୍ମିତ ହାତୀ, ମୃଗ ଓ କୁଟିଆ କନ୍ଧଙ୍କ ମୂର୍ତ୍ତି ସହ ପ୍ରାଣୀବଳି ଦିଆଯାଉଥିବା ଖୁଣ୍ଟ, କୁଟିଆ କନ୍ଧଙ୍କ କୁଟିର ଓ ତାଙ୍କ ଚଳଣି, ସଂସ୍କୃତି ସମ୍ପର୍କରେ ସବିଶେଷ ତଥ୍ୟ ରହିଛି। ସେହିପରି ପର୍ଯ୍ୟଟକ ବନ୍ୟପ୍ରାଣୀଙ୍କ ଉଦ୍ଦେଶ୍ୟରେ ଜାଣିବା ପାଇଁ ରହିଛି ଥ୍ରୀଡି ହଲ୍। ପାର୍କକୁ ଅଧିକ ସୁନ୍ଦର କରୁଛି କୃତ୍ରିମ ଜଳଫୁଆରା। ପର୍ଯ୍ୟଟକମାନେ ରାତ୍ରିଯାପନ କରିବା ପାଇଁ ରହିଛି ୬ ନେଚର କ୍ୟାମ୍ପ। ସେହିପରି ଶିଶୁମାନଙ୍କ ପାଇଁ ମଧ ଦୋଳି ସହ ଅନ୍ୟାନ୍ୟ ସୁବିଧା ରହିଛି।

**ପ୍ରସ୍ତୁତି: ଅରୁଣ ସାହୁ, ଦାରିଙ୍ଗବାଡ଼ି**







# ମୋର୍ ଅନୁଭୂତି

# ଗାଁର ଲୋକ୍ ମିତ୍ଥୁନ୍ ମାଡ୍ ଦେଇଥିଲେ



ମିଟୁ ମିଥୁନ

ରିଲିଜ ହେବାକେ ଥିବାର ଚଲଚିତ୍ର 'ବାଜି ବାଜି ବାବାଜୀ'ର ଶୁଟିଂ ଜଗତ୍‌ସିଂହପୁରର ଡିହସାହିରେ ଚାଲିଥାଏ। ଚଲଚିତ୍ରଟା ଝନେ ଭଁଡ଼୍‌ବାବାର ଉପ୍‌ରେ ପରିବେଷିତ ଆର୍ ସେ ବାବାର ଭୂମିକାନେ ମୁଇଁ ଅଭିନଏ କରୁଥାଏଁ। ସିନ୍ ଥିଲା ମୁଇଁ ବାବା ବେଶ୍‌ରେ ଗାଁ ଖୁଲିରେ ଦଉଡ଼ିମି। କେତେ ଝନ୍ ଅଭିନେତା ଆର୍ ଗାଁର ଲୋକ୍ ମୋର ପିଛା କରବେ। ଖରାବେଲ, ଖାଲିପାଦେ ତତଲା ପିଚୁ ରାସ୍ତାରେ ଦଉଡ଼ିବାକେ ପଡ଼ବା। ମୋତେ ପିଛା କରି ଧଏଲା ଉତାରୁ ମାଡ଼ ମାରବାର ସିନ୍ ଥିଲା। ସଟ୍ ରେଡି ହେଲା, ମୁଇଁ ଦଉଡ଼ିବାର ଅରମ୍ କଲି, ହେଲେ ମୋତେ ପିଛା କରୁଥିବାର ଗାଁର ଲୁକ୍‌କର ସଂଖ୍ୟା ତାରମନ୍‌କେ ବଢ଼ତେଲ ଗଲା। ଗାଁର ଲୋକ୍ ସଥେ ଭଁଡ଼୍‌ବାବାକେ ଦଉଡ଼ାଲା ଲେଖେଁ ମୋତେ ଦଉଡ଼ାଲେ। ଏନ୍ତା ହେଲା ଯେ, ଲୋକ୍ ମୋତେ ଧରି ସଥେ ମାଡ଼ ମାଏଲେ। ଗାଁର ଲୋକ୍ ନଡ଼ିଆ ବହେଂଗା, ଗଛ୍ ଡାଲ, ବାଡ୍ଡୁନ୍‌ରେ ପିଟ୍‌ଲେ। ଶୁଟିଂ ସେଟ୍‌ର ମେମରମାନେ ଛେଁକ୍‌ବାର ଚେଷ୍ଟା କରିଥିଲେ ସତ୍, ହେଲେ ୧୫ ମିନିଟ୍ ତକ୍ ମୋର ଟୁଁଡୁ କଥା ନାଇଁ ବାହାରଲା। ଇଏ ହେଉଛନ୍ ଓଡ଼ିଆ ଚଲଚିତ୍ର ଜଗତ୍‌ର ମିଥୁନ ହିସାବେ ପରିଚିତ ମିଟୁ ମିଥୁନ ମହାପାତ୍ରଙ୍କର ନିଜର ଅନୁଭୂତିରୁ ପଦେ। ବଲିଉଡର ପୁର୍‌ଖା ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କର ସେ ଝନେ ବଡ଼ ପର୍‌ଶଂସକ ହେଇଥିଲା ବେଲେ ମିଥୁନଙ୍କର ଅଭିନଏକେ ବି ବଡା ସହଜିଆ ହିସାବେ ଫୁଟେଇ ପାରସନ୍। ଓଡ଼ିଆ ସିନେ ଜଗତ୍‌ରେ ଦୁଇ ଦଶକ୍ ଧରି ନିଖୁନ୍ ଅଭିନଏ ଜରିଆରେ ନିଜର ଖାସ୍ ପରିଚଏ ସୁରୁଷ୍ଟି କରିପାରିଥିବାର ମିଟୁ ମିଥୁନ ଝନେ ଅଭିନେତା ଆର୍ ପର୍‌ଯୋଜକ୍ ହିସାବେ କାୟ୍ କରୁଛନ୍। ସବୁଠାନୁ ବଡ଼ କଥା ହେଲା ଯେ, ଚଲଚିତ୍ରରୁ କମଉଥିବାର ସବୁ ଟଁକା ସେ ସେବା କାୟ୍‌ରେ ଲଗଉଛନ୍। ବାଜି ବାଜି ବାବାଜୀ ଚଲଚିତ୍ରରୁ ଯେନ୍ ଟଁକା ଅସୁଲ ହେବା ତାର ୫୦ ଭାଗ୍ ଟଁକା ଭାରତୀୟ ସେନାକେ ଦିଆଯିବା ଆର୍ ୫୦ ଭାଗ୍ ଟଁକା କ୍ୟାନ୍‌ସର ପୀଡ଼ିତ୍‌ଙ୍କର ଉଦେଶ୍‌ରେ ଦିଆଯିବା ବଲି ଘୋଷନା ସରିଛେ। ଇ ବାବ୍‌ଦେ ମିଟୁ ମିଥୁନ କ୍ୟାନ୍‌ସର ଫାଉଣ୍ଡେସନ ନାଁରେ ଗୁଟେ ସଂଗଠନ୍ ବି ଆରମ୍ କରିଛନ୍।

୧୯୯୯ରେ 'ସହର ଜ୍ବଲୁଛି' ଚଲଚିତ୍ର ଜରିଆରେ ସିଲଭର ସ୍କ୍ରିନରେ ପାଦ୍ ଦେଇଥିଲେ ମିଟୁ ମିଥୁନ। ନିର୍‌ଦେଶକ ସୁଧାଂଶୁ ମୋହନ ସାହୁ 'ସହର ଜଳୁଛି' ଚଲଚିତ୍ରର ନିର୍‌ଦେଶନା ଦେଉଥିଲା ବେଲେ ଇ ଚଲଚିତ୍ରରେ ବଲିଉଡ ଷ୍ଟାର ମିଥୁନ ଚକ୍ରବର୍ତ୍ତୀ ଅଭିନଏ କରବେ ବଲି ଜନାପଡ଼ଲା। ଜଗତସିଂହପୁରରେ ଗୁଟେ ବୁକ୍ ଷ୍ଟୋର କରିଥିବାର ମିଟୁ ସେ ଚଲଚିତ୍ରରେ କାମ୍ କରବାକେ ମନ୍ ବଲେଇଥିଲେ। ସେ ନିଜର ଝନେ ସଖାକେ ଇ କଥା କହିଥିଲେ। ସଖା ଝନ୍‌କ ଗୁଟେ ସିଗାରେଟ ଖୁଲାରେ କାଣା ଗୁଟେ ଲେଖିଦେଲେ ଆର୍ ସେ ଖୁଲାଟା ନଇେ ନିର୍‌ଦେଶକ ସୁଧାଂଶୁ ମୋହନଙ୍କୁ ଦେଖେଇ ଦେବାକେ କହିଥିଲେ। ମିଟୁ ଶୁଟିଂ ସେଟକେ ଯାଇ ସୁଧାଂଶୁଙ୍କୁ ସେ ଖୁଲାଟା ଦେଖାଲା ଉତାରୁ ତାହାକୁ ସାଇଡ୍ ଖଲନାୟକ ଭୂମିକାନେ ଫିଲ୍ମରେ ଅଭିନଏ କରବାର ସୁଯୋଗ୍ ମିଲିଥିଲା। ଏହେଦେ ସେ ଫିଲ୍ମମାନ୍‌କେ ମୁଖିଆ ଖଲନାୟକ ଭୂମିକାନେ ଆସୁଛନ୍। ଇଟା ଗୁଟେ ତାକର ବଡ଼ ସଫଲତା ବଲି ସେ କହିଛନ୍। ଓଡ଼ିଶା ମିଥୁନ ପ୍ରଡକ୍ସନ ବ୍ୟାନରରେ ଆଏବାର ଦିନ୍‌ମାନ୍‌କେ ହେବାକେ ଥିବାର ସବୁ ଫିଲ୍ମରୁ ମିଲୁଥିବାର ଲାଭ୍ ଟଁକାର ୫୦ ପର୍‌ତିଶତ କ୍ୟାନ୍‌ସର ରୁଗୀକୁ ଦିଆଯିବା ବଲି ସେ କହିଥିଲେ। ମୁନୁଷ୍ ଭଲ ପାଏବାର ଆର୍ ପେମ୍ ବାଁଟ୍‌ବାର ଶିଖୁ। ଖୁସିରେ ଜୀବନ୍ ବିତାବାକେ ହେଲେ ସମ୍‌କୁ ଭଲପାଏବାର ନିହାତି ଜରୁରୀ ବଲି ମିଟୁ ମିଥୁନ କହିଛନ୍।

–ରିପୋର୍ଟ: କୁମାରଶ୍ରୀ ସାହୁ

ମାର୍କେଟ୍‌ରେ ନୂଆ

## ଗୋଦରେଜ୍‌ର ନୂଆ ରେଫ୍ରିଜରେଟର

ଗୋଦରେଜ୍ ଆପ୍ଲାଏନ୍ସ ପକ୍ଷରୁ ୩୨ ନୂଆ ରେଫ୍ରିଜରେଟର ବଜାରକୁ ଆସିଛି। ପ୍ରିମିୟମ ଏନ୍ଏକ୍ସଡବ୍ଲ୍ୟୁ ସବ୍‌ବ୍ରାଣ୍ଡ ଅଧୀନରେ ନୂଆ ଏନ୍ଏକ୍ସଡବ୍ଲ୍ୟୁ ଗ୍ଲାସ ଡୋର




ରେଫ୍ରିଜରେଟର ବଜାରକୁ ଆସିଛି। ଏଥିରେ ରହିଛି ଇଣ୍ଟେଲିଜେଣ୍ଟ ଇନଭର୍ଟର କମ୍ପ୍ରେସର ସହ ଡିଜିଟାଲ ଟଚ୍ କଣ୍ଟ୍ରୋଲ ପ୍ୟାନେଲ୍। ସେହିଭଳି ଟର୍ବୋ ଚିଲ୍ ମୋଡ୍, କ୍ୱିକ ଫ୍ରିଜ ବିକଳ୍ପ, ସ୍ମାର୍ଟ କୋଲାପ୍ସିବୁଲ୍ ୱାଇନ, ରେକ୍ ଓ ଫ୍ଲେକ୍ସି ଫ୍ରିଜ ସୁବିଧା। ସର୍ବଦା ନୂତନ ଉତ୍ପାଦ ଓ ସେବା ଜରିଆରେ ଗ୍ରାହକଙ୍କୁ ଖୁସି କରିବା ଦିଗରେ ଉଦ୍ୟମ ଜାରି ରହିଥିବା କମ୍ପାନୀ ସୂଚନା ଦେଇଛି।

## ଏଚ୍ଏମ୍‌ଡି ଗ୍ଲୋବାଲ ନୂଆ ପ୍ରଡକ୍ଟ




ଏଚ୍ଏମ୍‌ଡି ଗ୍ଲୋବାଲ ପକ୍ଷରୁ ଭାରତରେ ନୋକିଆ ୩.୧ ପ୍ଲସ ଏବଂ ନୋକିଆ ୮୧୧୦ ବଜାରରେ ପ୍ରବେଶ କରିଛି। ନୋକିଆ ୩.୧ ପ୍ଲସର ମୂଲ୍ୟ ୧୧,୪୯୯ ଟଙ୍କା ରହିଥିବା ବେଳେ ନୋକିଆ ୮୧୧୦ର ବଜାର ଦର ୫,୯୯୯ ଟଙ୍କା ରହିଛି। ନୋକିଆ ୩.୧ ପ୍ଲସ ମଡେଲରେ ୬ ଇଞ୍ଚର ଏଚ୍‌ଡି ଡିସ୍ପଲେ, ୩୫୦୦ ଏମ୍ଏଏଚ୍ ବ୍ୟାଟେରୀ, ମେଡିଆଟେକ୍ ହେଲିଓ ପି୧୯ ଅକ୍ଟାକୋର ପ୍ରୋସେସର, ୧୩ ଏମପିର ମେନ କ୍ୟାମେରା ସହ ୫ ଏମ୍‌ପି କ୍ୟାମେରା, ୮ ଏମପି ସାମ୍ନା କ୍ୟାମେରା ରହିଛି। ନୋକିଆ ୮୧୧୦ ମଡେଲରେ ୪ଜି ଫିଚର ସୁବିଧା ରହିଛି। ଏଥିରେ ଭୋଲଟିଂ କଲିଂ, କ୍ୱାଲକମ୍ ୨୦୫ ମୋବାଇଲ୍ ପ୍ଲାଟଫର୍ମ, ୱାଇ-ଫାଇ ସଂଯୋଗ ସୁବିଧା ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଥିବା କମ୍ପାନୀ ପକ୍ଷରୁ ପ୍ରକାଶ।

## ନୂଆ ଏର୍ଗୋନୋମିକ୍ ପ୍ୟାକରେ ଜନସନ୍ସ




ପ୍ରମୁଖ କମ୍ପାନୀ ଜନସନ୍ସ ନୂଆ ପିଢିର ଅଭିଭାବକଙ୍କ ନଜରରେ ରଖି ଏହାର ଶିଶୁ ଯତ୍ନ ପ୍ରଡକ୍ଟଗୁଡିକରେ କେତେକ ପରିବର୍ତ୍ତନ ଆଣିଛି। କମ୍ପାନୀ ଏହାର ପ୍ରଡକ୍ଟଗୁଡିକୁ ବର୍ତ୍ତମାନ ଏର୍ଗୋନୋମିକ ପ୍ୟାକ୍‌ରେ ଉପଲବ୍ଧ କରାଉଛି। ପ୍ରଡକ୍ଟଗୁଡିକର ସ୍ୱଚ୍ଛତାକୁ ଧ୍ୟାନରେ ରଖାଯାଇଥିବା ବେଳେ ବୋତଲରେ ସୁଗନ୍ଧ ସମେତ ଅନ୍ୟାନ୍ୟ ଉପାଦାନକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀ ପ୍ରକାଶ କରିଛି।

# ହିଷ୍ଟୋରିକାଲ ଚଳଚିତ୍ରରେ

୨୦୦୫ରେ 'ଧର୍ମାତ୍ମା' ଧାରାବାହିକ୍ ଜରିଆରେ ଅଭିନଏ ଜଗତରେ ପାଦ୍ ଥାପିଥିଲେ ନିକିତା ମିଶ୍ର। ସେ ସମିଆରେ ତାହାକୁ ୫ ବଛର ନ ହେଇଥିଲା। ଇତାର ପରେ ସେ 'ବସୁନ୍ଧରା', 'ଦେବୀ', 'ଶ୍ରୀଜଗନ୍ନାଥ', 'କା', 'ରାଜକନ୍ୟା' ଲେଖେଁ ଧାରାବାହିକ୍‌ରେ ଅଭିନଏ କରି ଘରେ ଘରେ ପରିଚିତ୍ ହେଇପାରିଥିଲେ। ୨୦୦୭ରେ 'ସମୟ ହାତରେ ଡୋରି', ଫିଲ୍ମରେ ଶିଶୁ କଲାକାର ହିସାବେ ଅଭିନଏ କରି ଓଡ଼ିଆ ଚଲଚିତ୍ର ଜଗତ୍‌ରେ ଏଣ୍ଟ୍ରି ମାରିଥିଲେ। ପଛେ 'ନେଇ ଯାରେ ମେଘ ମୋତେ', 'ତୁ ଥିଲେ ମୋ ଡର କାହାକୁ', 'ପ୍ରେମ୍ ୱେଡ୍ସ ପ୍ରିୟା', 'ମୁଁ ଆସିକ ମୁଁ ଆୱାରା', 'ଟାର୍ଗେଟ' ଲେଖେଁ ସୁପରହିଟ୍ ସିନେମାରେ ଶିଶୁ କଲାକାର ହିସାବେ ଅଭିନଏ କରି ଦେଖନହାରିକର ଭଲପାଏବାର ସାଉଁଟିଛନ୍। ଚଲ୍‌ତି ବଛର ରିଲିଜ୍ ହେଇଥିବାର 'ଯୋଗୀ' ଚଲଚିତ୍ରରେ ସେ ମୁଖିଆ ନାୟିକା ହିସାବେ ଅଭିନଏ କରିଥିଲେ। କଟକ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ କଳା ଦୁତିଅ ବଛରରେ ପଢୁଥିବାର ନିକିତାଙ୍କର ସଂଗେ 'ଧରିତ୍ରୀ'ର ଖାସ୍ ଆଲାପ।



**ଧରିତ୍ରୀ ଆଲାପ**
**ନିକିତା**

**ଅଭିନଏ ଜଗତ୍‌କେ କେନ୍‌ଥେଇ ଆଏଲେ?**

❖ଛୋଟ୍ ବେଲେ ଡାକ୍ତର ହେବାର ମୋର ବଡ଼ଭାରି ଇଛା ଥିଲା। ହେଲେ ଡ୍ୟାନ୍ସ ଆର୍ ଡ୍ରାମା ଉପ୍‌ରେ ମୋର ଦୁର୍‌ବଲତା ଥିଲା। ଅନ୍ନପୂର୍ଣ୍ଣା ଥିଏଟରରେ ଡ୍ୟାନ୍ସ ଆର୍ ଡ୍ରାମା କରୁଥିଲି। ସେଠାନେ ସଭେ ମୋର୍ ଅଭିନଏ ଦେଖି ପରଶଁସା କରିଥିଲେ। ପହେଲା 'ଧର୍ମାତ୍ମା' ଧାରାବାହିକ୍‌ରେ ଅଭିନଏ ଲାଗି ଅଡିସନ୍ ଦେଇଥିଲି। ସେଥିରେ ସିଲେକ୍ଟ ହେଇଥିଲି।

**'ସମୟ ହାତରେ ଡୋରି' ସିନେମା ଲାଗି କେନ୍‌ଥେଇ ଅଫର ପାଇଥିଲେ?**

❖ଧାରାବାହିକ୍‌ରେ ମୋର ଅଭିନଏ ଦେଖି ଅଫର ଆସିଥିଲା। ଅଡିସନ୍ ଦେଲା ଉତାରୁ ସଂଗେ ସଂଗେ ମତେ ସିଲେକ୍ଟ କରାଯାଇଥିଲା।

**୨୦୧୩ରୁ ୨୦୧୮ ତକ୍ ଅଭିନଏରୁ କାହିଁର ଲାଗି ବ୍ରେକ୍ ନେଇଥିଲେ?**

❖ହର ପଟ୍ଟନାୟକ, ଏସ୍.କେ.ମୁରଲୀଧରଙ୍କର ସଂଗେ କାମ୍ କରିଛେଁ। ସେମାନେ ମୋର୍ ବାପାକୁଁ କହିଥିଲେ ଯେ, ନିକିତାରନେ ଟ୍ୟାଲେଣ୍ଟ ଅଛେ। ସେ ବଡ଼ ପରଦାରେ ଅଭିନେତ୍ରି ହିସାବେ କାମ୍ କରିପାରବା। ଯଦି ୩ରୁ ୪ ବଛର ଗ୍ୟାପ୍ ଦେବ ତ ଦେଖନହାରି ତାହାକେ ଖୁସିରେ ଆପ୍‌ନାବେ। ସେଥିରଲାଗି ତାକର କଥାମାନି ମୁଇଁ ବଛର କେତେ ବ୍ରେକ୍ ନେଇଥିଲି।

**ଆଗ୍‌ରୁ ଶିଶୁ କଲାକାର ହିସାବେ ଅଭିନଏ କରିଥିଲେ, ପଛେ ମୁଖିଆ ନାୟିକା ହିସାବେ ଅଭିନଏ କଲାବେଲେ କେନ୍‌ପରକାର ଚ୍ୟାଲେଞ୍ଜର ସାମ୍‌ନା କରିଥିଲେ?**

❖ଚ୍ୟାଲେଞ୍ଜ ତ ବହୁତ୍ ଥିଲା। ଲୁକ୍‌କର ଭାବ୍‌ନା ଅଛେ ଯେ ଯେନ୍‌ମାନେ ଛୋଟ୍‌ବେଲୁ ଅଭିନଏ କରୁଛନ୍ ସେମାନ୍‌କର ଲାଗି ମୁଖିଆ ଚରିତ୍‌ରଟା ଗୁଟେ ସାଧାରନ୍ କଥା। ହେଲେ ଆମେ ଯେତେବେଲେ କ୍ୟାମେରାର ସାମ୍‌ନା କରସୁଁ ସେତେବେଲେ ବହୁତ୍ ଫରକ୍ ଥିସି। ଛୋଟ୍‌ବେଲେ କ୍ୟାମେରାରେ ଯାହା କହି ଦେଉଥିଲୁଁ ସେଟା ଠିକ୍ ଥିଲା। ହେଲେ ଏହେଦ୍‌କା ନିର୍‌ଦେଶକଙ୍କର ମାଇଣ୍ଡରେ ଯେନ୍‌ଟା ଅଛେ ସେଟା କ୍ୟାମେରା ସାମ୍‌ନାରେ ଠିକ୍ ହିସାବେ ନାଇଁ ହେବାର ତକ୍ ରିଟେକ୍ ହେସି।

**ଏହେଦ୍‌କା ବହୁତ୍‌ଟେ ଶିଶୁ କଲାକାର ମୁଖିଆ ନାୟିକା ଭୂମିକାରେ ଅଭିନଏ କରୁଛନ୍। ନାୟିକା ହେବାକେ ହେଲେ ଶିଶୁ କଲାକାର ହେବାର ନିହାତି ଜରୁରୀ କାଏଁ?**

❖ବିଲକୁଲ ନୁହେ। ଯଦି ଶିଶୁ କଲାକାର ହିସାବେ ଅଭିନଏ କରିଛ ତ ଭଲ୍‌କଥା। ହେଲେ ନିଜର ଭିତରେ ଯଦି ଟ୍ୟାଲେଣ୍ଟ ଅଛେ ଝନେ କେନ୍‌ସି ବି ବଏସ୍‌ରେ ଅଭିନେତ୍ରି ହେଇପାରବା। ହଁ, ଯେନ୍‌ମାନେ ଶିଶୁ କଲାକାର ହିସାବେ ଅଭିନଏ କରିଥିସନ୍ ସେମାନେ କ୍ୟାମେରା ସଂଗେ ଜଡ଼ିତ୍ ଥିସନ୍ ଆର୍ ତାକର କେତେ ଟେକ୍ନିକାଲ ଗିଆଁନ୍ ଥାଏସି, ଯେନ୍‌ଟାକି କାମେ ଲାଗ୍‌ସି।

**ଏହେଦ୍‌କା ବହୁତ୍‌ଟେ ନବାଗତା ଆସୁଛନ୍। ସେଥିରଲାଗି ପର୍‌ତିଯୋଗିତା ବଢୁଛେ। ଇଥିରଲାଗି ଆପନ୍ ନିଜ୍‌କେ କେନ୍‌ଥେଇ ତିଆର କରୁଛନ୍?**

❖ନିଜକେ ଗ୍ରୁମ୍ କରବାକେ ସବୁ ପର୍‌କାର ଚେଷ୍ଟା କରୁଛେଁ। କାରନ୍ ଆଏଜ୍‌କାଲିର ସମିଆରେ ବହୁତ୍ ନବାଗତା ଆସିଛନ୍। ଆଗ୍‌କେ ବି ବହୁତ୍ ଆଏବେ। ସେଥିରଲାଗି ଏନ୍‌ତା କିଛି ଖାସ୍ ଟ୍ୟାଲେଣ୍ଟ ଦେଖାବାକେ ପଡ଼ବା ଯେନ୍‌ତା ଇ ରେସ୍‌ରେ ଆଘେ ରହି ହେବା। ସେଥିରଲାଗି ଫିଦିନ୍ ନିଜର ଫିଟ୍‌ନେସ୍ ସଂଗେ ଡ୍ୟାନ୍ସ ଆର୍ ଅଭିନଏକେ ଗୁରୁତ୍ ଦେଉଛେଁ। ଆଗ୍‌କେ ଘୁଡା ଚଢ଼ା ଶିଖ୍‌ମି।

**ଧାରାବାହିକ୍ ଆର ଚଲଚିତ୍‌ରରେ ଅଭିନଏ କରିଛନ୍। କେନ୍ କାମ୍‌ଟା ଭିଡ୍ ଲାଗ୍‌ସି?**

❖ଦୁଇଟା ଯାକ ଭିଡ୍ ଆଏ। ହେଲେ ମୋର ହିସାବେ ବଡ଼ ପରଦାନୁ ଛୋଟ୍ ପରଦାରେ କାମ୍ କରବାର ବହୁତ୍ ଭିଡାନ୍ ଆଏ। କାରନ୍ ଧାରାବାହିକ୍‌ରେ କାମ୍ କଲେ ଅଧିକା ସମିଆ ଦେବାକେ ପଡ଼୍‌ସି, ଯେନ୍‌ଥିରଲାଗି ପାଠ୍‌ପଢ଼ାରେ ବହୁତ୍ ଖଏଁଚା ହେସି। ହେଲେ ଚଲଚିତ୍ର ଲାଗି ପାଖାପାଖି ୨ରୁ ୩ ମାସ୍ କାମ୍ କରବାକେ ପଡ଼୍‌ସି।

**ସେନ୍‌ତା କିଛି ଡ୍ରିମ୍ ରୋଲ୍ କରବାର ଇଛା ଅଛେ କାଏଁ?**

❖ହଁ। ହିଷ୍ଟୋରିକାଲ ଚଲଚିତ୍‌ରରେ ଆର୍ ମାନ୍‌ସିକ ସଁତୁଲନ୍ ହରେଇଥିବାର ଚରିତ୍‌ରରେ ଅଭିନଏ କରବାର ବହୁତ୍ ଇଛା ଅଛେ। ଏନ୍‌ତା ଚରିତ୍‌ରରେ ଅଭିନଏ କଲେ ନିଜର ଭିତ୍‌ରେ ଥିବାର ଟ୍ୟାଲେଣ୍ଟକେ ଲୋକ୍‌ଲୋଚନକେ ଆନିହେବା।

**କେନ୍ ଅଭିନେତାକର ସଂଗେ କାମ୍ କରବାର ଇଛା ଅଛେ?**

❖ସେନ୍‌ତା କିଛି ନାଁଇଁ। ନବାଗତ ହେଉନ୍ କି ପୁର୍‌ନା, ଯାହାର ସଂଗେ କାମ୍ କରବାର ଅଫର ଆଏବା କରମି। ମୁଇଁ ଯଦି ତାକର ସଂଗେ କମ୍ଫଟେବୁଲ ଫିଲ୍ କରୁଥିମି ଆର୍ କାହାଣୀ ହିସାବେ ସେ ମୋର ଅପୋଜିଟ୍‌ରେ ରହେବାର ଦରକାର ଥିବା ତ ନିହାତି ଭାବେ ତାକର ସଂଗେ କାମ୍ କରମି।

**ପାଠ୍‌ପଢ଼ା ସଂଗେ ଅଭିନଏକେ କେନ୍‌ଥେଇ ମ୍ୟାନେଜ କରୁଛନ୍?**

❖ବହୁତ୍ ଭିଡ୍ ଆଏ। ପରୀକ୍ଷା ସମିଆରେ ରାସ୍‌ତାରେ ଗଲାବେଲେ, ଶୁଟିଂ ସେଟ୍‌ରେ ପଢୁଥିଲି। ହେଲେ ଆଏଜ୍‌ତକ୍ ଦୁଇଟାକେ ବାଲାନ୍ସ କରିଆସିଛେଁ। ଆଗ୍‌କେ ବି କରିପାରମି ବଲି ବିଶ୍ୱାସ ଅଛେ।

**ଶୁଟିଂ ସେଟ୍‌ର କିଛି ସୁଁର୍‌ତି?**

❖ଧାରାବାହିକ୍ 'ଧର୍ମାତ୍ମା'ର ପହେଲା ଦିନର ଶୁଟିଂ ମୋର ସବୁଦିନର ଲାଗି ମନେ ରହେବା। ସେଦିନ ଗୁଟେ ସଟ୍ ଲାଗି ମୁଇଁ ରେଡି ହେଇସାରିଥିଲି। ଆକ୍ସନ କହେଲାରୁ ମୁଇଁ ଡାଇଲଗ୍ କହି ନାଇଁପାରଲି, ବହୁତ୍ କାଁଦିଥିଲି। ସେ ସମିଆରେ ବାପା ମତେ କହିଥିଲେ ଯେ, ଯଦି ଏହେଦେ ନାଇଁ କହିପାରୁ ତ ଭବିଷତ୍‌ରେ ଅଭିନଏ କରି ନାଇଁପାରୁ। ବାପାଙ୍କର ସେ କଥା ପଦ୍‌କ ମୋର ଭିତ୍‌ରେ ପରିବର୍‌ତନ ଆନିଦେଇଥିଲା। ତା'ପରେ ସେ ସଟ୍ ଗୁଟେ ଟେକ୍‌ରେ ନେଇଥିଲି।

**କେନ୍ ଅଭିନେତ୍‌ରିଙ୍କର ଦୁଆରା ପର୍‌ଭାବିତ ହେଇଛନ୍?**

❖ଓଡ଼ିଆରେ ବର୍ଷା ପ୍ରିୟଦର୍ଶିନୀ ଆର୍ ବଲିଉଡ୍‌ରେ ଶ୍ରୀଦେବୀ।

**ଅପ୍‌କମିଂ ଫିଲ୍ମ କେନ୍‌ଟା ଅଛେ?**

❖ଦୁଇଟା ଫିଲ୍ମ ଫାଇନାଲ ହେଇଯାଇଛେ, ହେଲେ ତା'ର ନାଁ ରଖା ନୁହେ ହୁଏ। ଫିଲ୍ମ ଦୁଇଟାକ ଜାନୁୟାରୀ କି ଭାଲେଣ୍ଟାଇନ୍ ଡେ'ରେ ପରଦାକେ ଆଏବା।

**ରିଅଲ ଲାଇଫ୍‌ର ନିକିତା କେନ୍ ପର୍‌କାର?**

❖ମୁଇଁ ବହୁତ୍ ଫ୍ରେଣ୍ଡଲି। ମେକ୍‌ଅପ୍ ନେବାକେ ପସନ୍ ନାଇଁ କରେଁ।

**କାଣା ଖାଏବାକେ ଭଲ୍ ଲାଗ୍‌ସି?**

ଚିକେନ ତନ୍ଦୁରି ଆର୍ ବିରିୟାନି ଭଲ୍ ଲାଗ୍‌ସି। ମାମାଙ୍କର ହାତର ଆଲୁ ପରଠା ବହୁତ୍ ଭଲ୍ ଲାଗ୍‌ସି।

**ବୟଫ୍ରେଣ୍ଡ ଅଛନ୍ କାଏଁ?**

ମୁଇଁ ଇଥିର ଉପ୍‌ରେ ଧିଆନ୍ ନାଇଁ ଦେବାରତାଲ୍। ବହୁତ୍ ସାଂଗ୍ ଅଛନ୍, ହେଲେ ବୟଫ୍ରେଣ୍ଡ ନାଁଇଁ।

ସାକ୍ଷାତ୍: ଅସମାପିକା ସାହୁ